# India delivers three tons of medical assistance to Afghanistan

January 29, 2022

## ଆଫଗାନିସ୍ତାନକୁ ଭାରତର ତିନି ଟନ ଚିକିତ୍ସା ସହାୟତା ପ୍ରଦାନ

**ଜାନୁଆରୀ 29, 2022**

ଆମର ଜାରିଥିବା ମାନବିକ ସହାୟତା ଅନ୍ତର୍ଗତ ଭାରତ ଆଫଗାନିସ୍ତାନକୁ 3 ଟନ ଅତ୍ୟାବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧକୁ ନେଇ ଚତୁର୍ଥ ବ୍ୟାଚ୍ ଚିକିତ୍ସା ସହାୟତା ଯୋଗାଇଛି। ଏହି ଔଷଧ କାବୁଲର ଇନ୍ଦିରା ଗାନ୍ଧୀ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇଛି।

2. ଆଫଗାନିସ୍ତାନର ଲୋକଙ୍କ ସହ ଆମର ବିଶେଷ ସମ୍ପର୍କ ଜାରି ରଖିବା ଏବଂ ମାନବିକ ସହାୟତା ଯୋଗାଇବା ପାଇଁ ଭାରତ ପ୍ରତିବଦ୍ଧ। ଆମେ ପୂର୍ବରୁ ଆଫଗାନିସ୍ତାନକୁ 500,000 ଡୋଜ୍ କୋଭିଡ ଟିକା ଏବଂ ଅତ୍ୟାବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧକୁ ନେଇ ତିନିଟି ବ୍ୟାଚ୍ ଚିକିତ୍ସା ସହାୟତା ପ୍ରଦାନ କରିଛୁ। ଏସବୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ କାବୁଲ ସ୍ଥିତ ଇନ୍ଦିରା ଗାନ୍ଧୀ ଶିଶୁ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇଥିଲା।

3. ଆସନ୍ତା କିଛି ସପ୍ତାହରେ ଆମେ ଆଫଗାନିସ୍ତାନର ଲୋକଙ୍କ ପାଇଁ ଔଷଧ ଓ ଖାଦ୍ୟଶସ୍ୟକୁ ନେଇ ଅଧିକ ମାନବିକ ସହାୟତା ଯୋଗାଇଦେବୁ।

**ନୂଆଦିଲ୍ଲୀ**

**ଜାନୁଆରୀ 29, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.